# Akashvani, Sambalpur

# SAMBALPURI NEWS MORNING BULLETIN

# 13 June 2026 - 6.47- 6.52 am.

---

ରାଜ୍ୟ କେବିନେଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାରୀ ରେକର୍ଡ଼୍‌ଥି ବିକୃତ ବନାନ୍‌କେ ସଂଶୋଧନ୍ କର୍‌ବାର୍ ଲାଗି ୨୬ ଟା ଜିଲ୍ଲାର୍ ୬୪ ଟା ଜାଗାର୍ ଇଂରାଜୀ ବନାନ୍‌କେ ଚୂଡ଼ାନ୍ତ କରିକରି କେବିନେଟ୍‌ର ଅନୁମୋଦନ୍ ମିଲିଛେ ବଲି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ସୂଚ୍‌ନା ଦେଇଛନ୍ । ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଲୋକ୍‌ସେବା ଭବନ୍ ନ ହେଇଥିବା କେବିନେଟ୍ ବୈଠକ୍ ଉତ୍‌ରୁ ସୂଚ୍‌ନା ଦେଇକରି ଶ୍ରୀମତୀ ଗର୍ଗ କହିଛନ୍, ଇ ଅନୁମୋଦନ୍ ଉତ୍‌ରୁ ରାଜ୍ୟ ସର୍‌କାର୍ ଗେଜେଟ୍ ବିଜ୍ଞପ୍ତି ଜରିଏ କେନ୍ଦ୍ର ସର୍‌କାର୍‌ଙ୍କର୍ ଗୃହ ମନ୍ତ୍ରଣାଲୟକେ ଜନାବେ । ଇତାର୍‌ସହେତେ ୬ ଟା ବିଭାଗ୍‌ର ୮ ଟା ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଛେ । ସେ ଭିତ୍‌ରେ ହସ୍ତତନ୍ତ ବୟନ ଆଉ ହସ୍ତଶିଳ୍ପ ବିଭାଗ୍‌ର ୨ ଟା ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍

ବିଭାଗ୍ ଆଉ ପଂଚାୟତ୍ ଆଉ ପାନୀୟ ଜଳ ବିଭାଗ୍, ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍, ବିଧି ବିଭାଗ୍ର ଗୁଟେ ଲେଖା, ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ର ୨ ଟା ପ୍ରସ୍ତାବ୍କେ ଅନୁମୋଦନ୍ ମିଳିଛେ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍ନେଶ୍ୱର୍ ନ ଆଏବା ସୋମ୍ବାର୍ ଦିନ ହେବାର୍କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ସେଦିନ ସର୍କାରୀ ଛୁଟି ଦିନ୍ ପଡୁଥିବାର୍ନୁ ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ମିଳିଛେ । ପରବର୍ତୀ ଅଭିଯୋଗ୍ ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ।

ଫିଲ୍ମ ଫେଷ୍ଟିଭାଲ୍ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ  ଆଏବା ୨୫ ନୁ ୨୮ ତାରିଖ୍ ତକ୍ ହେବାର୍‌କେ ଥିବା ଭୁବ୍‌ନେଶ୍ୱର୍ ଫିଲ୍ମ ଫେଷ୍ଟିଭାଲ୍ -୨୦୨୬ ର କାର୍ଯ୍ୟସୂଚୀକେ ଉନ୍ମୋଚନ୍ କରିଛନ୍ । ଇ ଅବ୍‌ସରେ ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଓଡ଼ିଶାର୍ କଳା, ଐତିହ୍ୟ ଆଉ ସିନ୍‌ମାକେ ବିଶ୍ୱ ଦର୍‌ବାର୍‌କେ ପୁହୁଁଚାବାର୍ ଲାଗି ଆଏବା ବଛର୍‌ଠାନୁ ଭୁବ୍‌ନେଶ୍ୱର୍ ଫିଲ୍ମ ଫେଷ୍ଟିଭାଲ୍ ଆହୁରି ବଡ଼ ଆଉ ବ୍ୟାପକ୍ କରାଯିବା ।

ଇନ ଜନେଇ ଦିଆଯାଇପାରେ ଯେ, ଇ ଚଳଚ୍ଚିତ୍ର ମହୋତ୍ସବ୍‌ଥି ଓଡ଼ିଆ ଚଳଚ୍ଚିତ୍ର ସହେତେ ଭିନ୍ ଭିନ୍ ଭାରତୀୟ ଭାଷାର୍ ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍ ନ ପୁରସ୍କୃତ୍ ଚଳଚ୍ଚିତ୍ର ପ୍ରଦର୍ଶନ୍ କରାଯିବା ।

ପଂଚାୟତିରାଜ୍ ମନ୍ତ୍ରୀ -ବୌଦ୍ଧ        ବୌଦ୍ଧ ସମ୍ବାଦଦାତା

ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ବୌଦ୍ଧ ଜିଲ୍ଲା ଗସ୍ତଥି ଆସିକରି ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ବୁଲି ଦେଖିଛନ୍ । ଇ ସମିଆଥି ଶ୍ରୀ ନାଏକ୍ କଂଟାମାଲ୍ ବ୍ଲକ୍‌ର ଭିନ୍ ଭିନ୍ ଇଲାକା ଆଉ ବୌଦ୍ଧ

ବ୍ଲକ୍‌ର ମୁଣ୍ଡାପଡ଼ା, ଆମ୍‌ଝରି, ବଘିଆପଡ଼ା ପଂଚାୟତ୍‌ର ଭିନ୍ ଭିନ୍ ଗାଁ ଯାଇକରି ସେନ ପିଇବାର୍ ପାନିର୍ ସମସ୍ୟା ବାବ୍‌ଦେ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । ଇତାର୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ନାଏକ୍ ଗୁନ୍ଦୁଲିଆ ପଂଚାୟତ୍‌ର ତିଳପଙ୍କା ଠାନୁ କନ୍ଧମାଲ୍ ସୀମାତକ୍ ଗ୍ରାମ୍ୟ ଉନ୍ନୟନ୍ ରାସ୍ତା ବାବ୍‌ଦେ ଭିଲ୍ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ଶୀତଲ୍‌ଷଷ୍ଠୀ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାକେ ଶାନ୍ତିଶୃଙ୍ଖଲା ଆଉ ସୁରୁଖୁରୁଥି ପାଲନ୍ ଲାଗି ଗଲାକାଏଲ୍ ସଞ୍ଜ୍‌ବେଲେ ଉତରାଂଚଲ୍ ପୁଲିସ୍ ରେଞ୍ଜ୍ ଆଇ.ଜି. ହିମାଂଶୁ ଲାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ଆଇନ୍ ଶୃଙ୍ଖଲା, ଭିଡ଼୍ ଆଉ ଟ୍ରାଫିକ୍ ନିୟନ୍ତ୍ରଣ୍ ଉପ୍‌ରେ ବୈଠକ୍‌ଥି ଆଲୋଚନା କରାଯାଇଥିଲା । ବୈଠକ୍‌ଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍, ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ, ଏସ୍‌ଏମ୍‌ସି କମିଶନର୍ ରେହାନ୍ ଖେତ୍ରୀ ପ୍ରମୁଖ ଯୋଗ୍ ଦେଇଥିଲେ ।

ଏସ୍ଆଇଆର        ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍ଆଇଆର୍ ଅଭିଯାନ୍ଥି ଗଲା ୧୪ ଦିନ୍ ଭିତ୍ରେ ୯୭ ଦଶ୍ମିକ୍ ୬/୩ ପ୍ରତିଶତ୍ ଭୋଟର୍ଙ୍କର୍ ପାଖେ ଗଣନା ଫର୍ମ ପୁହୁଁଚାବାର୍ଥି ବୁଥ୍ସ୍ତରୀୟ ଅଧିକାରୀମାନେ ସଫଲ୍ ହେଇଛନ୍ । ଗଲାକାଏଲ୍ ବେଲ୍ବୁଡ଼ାତକ୍ ରାଏଜେ ୩ କୋଟି ୨୬ ଲାଖ୍ ୮ ହଜାର୍ ୨ ଶହ ୬୨ ଝନ୍ ଭୋଟର୍ଙ୍କୁ ଫର୍ମ ବାଂଟ୍ବାର୍ କାମ୍ ଶେଷ୍ ହେଇଛେ । ଇ ସଂଶୋଧନ୍ ପ୍ରକ୍ରିୟାଥି ଫର୍ମ ବଂଟନ୍ ଆଉ ଦାଖଲ୍ ସମିଆ ଜୁନ୍ ୨୮ ତାରିଖ୍ ରହିଛେ । ହେଥିର୍ଲାଗି ଯେନ୍ ଭୋଟର୍ମାନେ ଏବ୍ତକ୍ ଫର୍ମ ଦାଖଲ୍ ନାଇଁକରି ସେମାନ୍କୁ ଧାରିଜ୍ ସମିଆ ଭିତ୍ରେ ଦାଖଲ୍ କର୍ବାର୍କେ ପ୍ରଶାସନ୍ ତର୍ଫୁ ଅନୁରୋଧ୍ କରାଯାଇଛେ ।

ଶିଶୁ ଶ୍ରମିକ୍ ନିରାକରଣ୍ ସଚେତନତା ରଥ     ନୂଆପଡ଼ା

ନୂଆପଡ଼ା ଜିଲ୍ଲା ନ ଶିଶୁ ଶ୍ରମ ନିରାକରଣ୍ ଲାଗି ୧୫ ଦିନିଆ ଖାସ୍ ସଚେତନତା ଅଭିଯାନ୍ ଗଲାକାଏଲ୍ ମୁଲ୍ କରାଯାଇଛେ । ଜିଲ୍ଲା ନ ଇ ଅଭିଯାନ୍ ଆଏବା ୨୬ ତାରିଖ୍ତକ୍ ଚାଲ୍ବା । ଇ ଅବ୍ସରେ ଜିଲ୍ଲା ମୁଖ୍ୟାଳୟ ପରିସର୍ନୁ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଶିଶୁ ଶ୍ରମିକ୍ ନିରାକରଣ୍ ସଚେତନତା ରଥକେ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ । ଇ ସଚେତନତା ରଥ ଜିଲ୍ଲାର୍ ବ୍ଲକ୍ ମୁଖ୍ୟାଳୟ ସହେତେ ସହର୍ ଆଉ ଗାଁ ଇଲାକା ବୁଲିକରି ଶିଶୁ ଶ୍ରମ ନିରାକରଣ୍ ବିଷେ ଲୁକ୍କୁ ସଚେତନ୍ କର୍ବା ।

ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ଟେବୁଲ୍ଟପ୍ ଅଭ୍ୟାସ୍ ଆଉ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ୍ ୨୦୨୬ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ନୃପରାଜ୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍ଥି ଆଏବା ୧୮ ଆଉ ୧୯ ତାରିଖ୍ ହେବାର୍କେ ଥିବା ଅଭ୍ୟାସ୍ ଲାଗି ସବୁ ବିଭାଗ୍କେ ତିଆର୍ ରହେବାର୍କେ ପରାମର୍ଶ ଦିଆଯାଇଥିଲା ।

ଲୁକ୍‌କୁ ତାଲିମ୍ ଦେଇକରି କେନ୍ତା ବିପର୍ଯ୍ୟୟ ସମିଆଥି ସେମାନ୍‌କୁ ସ୍ୱେଚ୍ଛାସେବୀ ହିସାବେ ନିୟୋଜିତ୍ କରାଯାଇପାର୍‌ବା, ସେ ବିଷେ ଆଲୋଚନା କରାଯାଇଥିଲା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗଲାକାଏଲ୍ ଓଡ଼ିଶା ପୁହୁଁଚିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ମୌସୁମୀ ବାୟୁ ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା, ଭଦ୍ରକ୍, ବାଲେଶ୍ୱର୍ ଆଉ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ କେତେ ଇଲାକା ନ ପୁହୁଁଚିଛେ । ଆଏବା ଦିନେ ମୌସୁମୀ ସାରା ଓଡ଼ିଶାଥି ଫଇଲିବା ଆଉ ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ଖାସ୍ କରି ଉତର୍ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ବର୍ଷା ଜାରି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ କେତେଟା ଜାଗା ନ କାଲ୍‌ବୈଶାଖୀର୍ ବଲେ ବର୍ଷା ହେଇକରି ତାତି ୨ ନୁ ୩ ଡିଗ୍ରୀତକ୍ କମ୍‌ବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।